ODIA

ଏକ ଲୋକକଥା

ଶଲଗମ୍

ଚିତ୍ର: ନିହାରିକା ଶେନାୟ୍

ଅନୁବାଦ: ଚେତନା ବିଶ୍ୱାଳ

eklavya

ବୁଢ଼ାଟିଏ ଶଲଗମ୍ ମଞ୍ଜି ବୁଣିଲା ଆଉ କହିଲା,
"ଉଠ ଉଠ ଶଲଗମ୍ ମିଠା ହୁଅ,
ଉଠ ଉଠ ଶଲଗମ୍ ମଜବୁତ ହୁଅ।"

ତ ଉଠିଲା ଶଲଗମ୍
ମିଠା ମିଠା, ବହୁତ ବଡ଼ ।
ବୁଢ଼ା ତାକୁ ଓପାଡ଼ିବାକୁ ଗଲା ।
ବୁଢ଼ା ଶଲଗମ୍ କୁ ଟାଣିଲା,
ପୁରା ବଳ ଲଗେଇ ଟାଣିଲା,
କିନ୍ତୁ ଶଲଗମ୍ ବାହାରିଲା ନାହିଁ
ସେଇଠୁ ସେ ବୁଢ଼ୀକୁ ଡାକିଲା...





ବୁଢ଼ୀ ଧରିଲା ବୁଢ଼ାକୁ,
ବୁଢ଼ା ଧରିଲା ଶଲଗମ୍ କୁ ।
ଦି’ଜଣ ମିଶି ତାକୁ ଟାଣିଲେ,
ପୁରା ବଳ ଲଗେଇ ଟାଣିଲେ,
ତଥାପି ଶଲଗମ୍ ବାହାରି ପାରିଲା ନାହିଁ ।
ସେଇଠୁ ବୁଢ଼ୀ ଝିଅକୁ ଡାକିଲା...

ଝିଅ ଧରିଲା ବୁଢ଼ୀକୁ,
ବୁଢ଼ୀ ଧରିଲା ବୁଢ଼ାକୁ,
ବୁଢ଼ା ଧରିଲା ଶଲଗମ୍ କୁ ।

ସମସ୍ତେ ମିଶି ତାକୁ ଟାଣିଲେ,
ପୁରା ବଳ ଲଗେଇ ଟାଣିଲେ,
ତଥାପି ଶଲଗମ୍ ବାହାରି ପାରିଲା ନାହିଁ ।

ସେଇଠୁ ଝିଅ ଖଚରକୁ ଡାକିଲା...



ଖଇର ଧରିଲା ଝିଅକୁ,
ଝିଅ ଧରିଲା ବୁଢ଼ୀକୁ,
ବୁଢ଼ୀ ଧରିଲା ବୁଢ଼ାକୁ,
ବୁଢ଼ା ଧରିଲା ଶଲଗମ୍ କୁ ।

ସମସ୍ତେ ମିଶି ତାକୁ ଟାଣିଲେ,
ପୁରା ବଳ ଲଗେଇ ଟାଣିଲେ,
ତଥାପି ଶଲଗମ୍ ବାହାରି ପାରିଲା ନାହିଁ ।
ସେଇଠୁ ଖଚର କୁକୁରକୁ ଡାକିଲା...

କୁକୁର ଧରିଲା ଖଚରକୁ,
ଖଚର ଧରିଲା ଝିଅକୁ,
ଝିଅ ଧରିଲା ବୁଢ଼ୀକୁ,
ବୁଢ଼ୀ ଧରିଲା ବୁଢ଼ାକୁ,
ବୁଢ଼ା ଧରିଲା ଶଲଗମ୍ କୁ ।

ସମସ୍ତେ ମିଶି ତାକୁ ଟାଣିଲେ,
ପୁରା ବଳ ଲଗେଇ ଟାଣିଲେ,
ତଥାପି ଶଲଗମ୍ ବାହାରି ପାରିଲା ନାହିଁ ।
ସେଇଠୁ କୁକୁର ବିଲେଇକୁ ଡାକିଲା...



ବିଲେଇ ଧରିଲା କୁକୁରକୁ,
କୁକୁର ଧରିଲା ଝିଅକୁ,
ଝିଅ ଧରିଲା ବୁଢ଼ୀକୁ,
ବୁଢ଼ୀ ଧରିଲା ବୁଢ଼ାକୁ,
ବୁଢ଼ା ଧରିଲା ଶାଲଗମ୍‌କୁ ।
ସମସ୍ତେ ମିଶି ତାକୁ ଟାଣିଲେ,
ପୁରା ବଳ ଲଗେଇ ଟାଣିଲେ,
ତଥାପି ଶଲଗମ୍ ବାହାରି ପାରିଲା ନାହିଁ ।

ସେଇଠୁ ବିଲେଇ ମୂଷାକୁ ଡାକିଲା...



ମୂଷା ଧରିଲା ବିଲେଇକୁ,
ବିଲେଇ ଧରିଲା କୁକୁରକୁ,
କୁକୁର ଧରିଲା ଖଚରକୁ,
ଖଚର ଧରିଲା ଝିଅକୁ,
ଝିଅ ଧରିଲା ବୁଢ଼ୀକୁ,
ବୁଢ଼ୀ ଧରିଲା ବୁଢ଼ାକୁ,
ବୁଢ଼ା ଧରିଲା ଶଲଗମ୍ କୁ ।

ସମସ୍ତେ ମିଶି ତାକୁ ଟାଣିଲେ,
ପୁରା ବଳ ଲଗେଇ ଟାଣିଲେ,
ଆଉ ଶେଷରେ ଉପୁଡ଼ି ଆସିଲା ଶଲଗମ୍ ।
ଶଲଗମ୍ ଏତେ ଜୋର୍‌ରେ ବାହାରି ଆସିଲା ଯେ
ସମସ୍ତେ ପଡ଼ିଲେ ଧଡ଼ାସ୍...

ସେଇଠୁ...
ଶଲଗମ୍ ପଡ଼ିଲା ବୁଢ଼ା ଉପରେ,
ବୁଢ଼ା ପଡ଼ିଲା ବୁଢ଼ୀ ଉପରେ,
ବୁଢ଼ୀ ପଡ଼ିଲା ଝିଅ ଉପରେ,
ଝିଅ ପଡ଼ିଲା ଖଛର ଉପରେ,
ଖଛର ପଡ଼ିଲା କୁକୁର ଉପରେ,
କୁକୁର ପଡ଼ିଲା ବିଲେଇ ଉପରେ,
ବିଲେଇ ପଡ଼ିଲା ମୂଷା ଉପରେ ।



ଗୋଟେ ବୁଢ଼ାର ଇଚ୍ଛା ଥିଲା ଯେ ତା’ ବାଡ଼ିରେ
ଗୋଟେ ବଡ଼ ଓ ମିଠା ଶଲଗମ୍ ଗଛ ହେବ।
ତେଣୁ ସେ ଲଗାଇ ଦେଲା ମିଠା ମିଠା ବଡ଼ ଶଲଗମ୍ ଗଛ ।
କିନ୍ତୁ ବୁଢ଼ା ତା’କୁ ଓପାଡ଼ି ପାରିଲାନାହିଁ ।
ଏବେ ବୁଢ଼ା କରିବ କ’ଣ, କେମିତି ଓପାଡ଼ିବ
ଶଲଗମ୍ କୁ...

ଶଲଗମ୍ Folktale
SALGAM

Odia translation: Chetana Biswal
Illustrations: Niharika Shenoy
Publication: Indugu Laxmi, Bansi Sharma (Editorial support),
Indu Nair, Khizar Mohammad, Kamlesh Yadav (Production)

Odia translation of *शलजम* published by Eklavya Foundation.

CC BY NC ND Eklavya Foundation, September 2025
This story may be used for non-commercial educational purposes, without any alterations as long as the author, illustrator and the publisher are credited. For any other use, please contact the publisher.

First edition: October 2025 / 1000 copies
Paper: 350 GSM Ivory Card
ISBN: 978-93-48176-48-6
Price: ₹ 250.00

Developed with financial support from Parag Initiative of the Tata Trusts.

Published by:
EKLAVYA FOUNDATION
Jamnalal Bajaj Parisar,
Jatkhedi, Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in | books@eklavya.in

Printed at: Bhandari Press, Bhopal (MP)

parag
AN INITIATIVE OF TATA TRUSTS
eklavya

ମୂଲ୍ୟ: ₹ 250.00
9 789348 176486